## କରୋନା ବିନାଶକୁ ନେଇ ଭିଡିଓ ଉନ୍ମୋଚିତ

ଯାଜପୁର ରୋଡ୍, (ଡି.ଏନ.ଏ.): ବ୍ୟାସନଗର ସହରରେ ଥିବା ୨୭ ଶୈବପୀଠକୁ ନେଇ ପ୍ରସ୍ତୁତ କ୍ଷୁଦ୍ର ଭିଡିଓ ମହାମୃତ୍ୟୁଞ୍ଜୟ ମନ୍ତ୍ର କଥାମୃତ ଶୁକ୍ରବାର ଉନ୍ମୋଚିତ ହୋଇଛି। ଶ୍ରୀନୀଳକଣ୍ଠଙ୍କ କରୁଣାରୁ ମହାମାରୀ କରୋନା ସାରା ବିଶ୍ୱରୁ ସମ୍ପୂର୍ଣ୍ଣ ଚାଲିଯାଉ ଏହି ଧର୍ମୀୟ ଭାବନା ଓ ବିଶ୍ୱାସକୁ ଆଧାର କରି ଅଞ୍ଜଳି ଭିଜନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଭିଡିଓ ପ୍ରସ୍ତୁତ ହୋଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ପ୍ରଯୋଜକ ତଥା ଅଞ୍ଜଳି ଭିଜନର ଦୀପକ କୁମାର ନାୟକ, ପଦ୍ମନାଭ ମଲ୍ଲ, ଚିନ୍ତାମଣି ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ: ଜିଲା ଜଜ୍‌ଙ୍କ ପରିଦର୍ଶନ

ସୁକିନ୍ଦା, ୮।୧(ଡି.ଏନ.ଏ.): ସୁକିନ୍ଦା ଗ୍ରାମ୍ୟ ନ୍ୟାୟାଳୟ ଉଦ୍‌ଘାଟନ କରିବା ନିମନ୍ତେ ଯାଜପୁର ଜିଲାଜଜ ଶ୍ରୀକାନ୍ତ ମିଶ୍ର ଶୁକ୍ରବାର ପ୍ରାରମ୍ଭିକ ପରିଦର୍ଶନ କରିଛନ୍ତି। ଜଜ୍ ମିଶ୍ର ସମସ୍ତ ଘର ଓ ଜଜ୍‌ଙ୍କ ବାସଗୃହ ମଧ୍ୟ ବୁଲି ଦେଖି ସନ୍ତୋଷ ପ୍ରକାଶ ସହ ଚଳିତ ମାସରେ ଖୋଲିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଜେଏମ୍ଏଫ୍‌ସି କୋର୍ଟ ଖୋଲିବା ନିମନ୍ତେ ଅନ୍ୟ ଘର ଓ ପିଓଙ୍କ ରହିବା ଘର ମଧ୍ୟ ବୁଲି ଦେଖିଥିଲେ। ଓକିଲ ସଂଘ ପକ୍ଷରୁ ସଭାପତି ବିବେକା ନନ୍ଦ ଘୋଷ, ସମ୍ପାଦକ ମାନିନୀ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ବଳିଆରସିଂହ, ସହସମ୍ପାଦକ ପ୍ରହ୍ଲାଦ ମଲ୍ଲିକ, ସୁକିନ୍ଦା ଥାନା ଅଧିକାରୀ ଶିବ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ରୀୟ କୃଷି ଆଇନ ବିରୋଧରେ ବାଇକ୍ ଶୋଭାଯାତ୍ରା

ଜଗତ୍‌ସିଂହପୁର ଅଫିସ, ୮।୧: ନୂତନ କେନ୍ଦ୍ରୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଶୁକ୍ରବାର ଅଖିଳ ଭାରତ କୃଷକ ସଭା ଜଗତ୍‌ସିଂହପୁର ଜୋନାଲ କମିଟି ପକ୍ଷରୁ ବାଇକ୍ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ପିତେଇପୁର ପଞ୍ଚାୟତର ଉଗାଳପୁରରୁ ବାହାରି ସାଁପୁର, ଅଳସୁଧା, ମୁଦୁପୁର, ପଟିଲୋ, କଟରା, ଗୋପାଳପୁର ପଞ୍ଚାୟତ ପରିକ୍ରମା କରିଥିଲା। କମିଟି ସଭାପତି ନାରାୟଣ ଦାସ ଓ ସମ୍ପାଦକ ନଟବର ନାୟକ ଏହାର ନେତୃତ୍ୱ ନେଇଥିଲେ। ଅଖିଳ ଭାରତୀୟ ଯୁବକ ସଂଘ ରାଜ୍ୟ ଉପସଭାପତି ସତ୍ୟ ରଞ୍ଜନ ମହାନ୍ତି, ଅଖିଳ ଭାରତ କୃଷକ ସଭା ରାଜ୍ୟ ସଙ୍ଗଠନ ନେତା ଶଶୀଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ଜିଲାପାଳ ଭାବେ ସଂଗ୍ରାମଙ୍କ ଯୋଗଦାନ

ଜଗତ୍‌ସିଂହପୁର ଅଫିସ, ୮।୧: ଜଗତ୍‌ସିଂହପୁର ଜିଲାପାଳ ଭାବେ ସଂଗ୍ରାମ କେଶରୀ ମହାପାତ୍ର ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ତିର୍ତ୍ତୋଲ ଉପନିର୍ବାଚନ ବେଳେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା।



ସେ କାର୍ଯ୍ୟରେ ଯୋଗଦେବା ପରେ ଜିଲାବାସୀଙ୍କୁ ସୁଶାସନ ଓ ଉତ୍ତମ ପ୍ରଶାସନ ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବ ଜିଲାପାଳ ସରୋଜ କୁମାର ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ପରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ଉପସ୍ଥାପନ କରିଥିଲେ। ଅପରାହ୍ଣରେ ଅଧିକାରୀ ଓ କର୍ମଚାରୀଙ୍କ ବୈଠକରେ ଯୋଗ ଦେଇଥିଲେ। ଜାନୁୟାରୀ ୩୧ ସୁଦ୍ଧା କର୍ମଚାରୀ ସମ୍ପତ୍ତି ତାଲିକା ଦାଖଲ କରିବାକୁ ଜିଲାପାଳ ମହାପାତ୍ର ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲାସ୍ତରୀୟ ଅଧିକାରୀ ଓ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

### ସ୍ମୃତି ସାଉଣ୍ଟିଲେ ୧୯୯୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ର

ଚଢେଇଧରା, ୮।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ମଧୁପୁରଗଡ଼ ଉଚ୍ଚ ବିଦ୍ୟାଳୟ ୧୯୯୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ମଧୁପୁରଗଡ଼ ପଞ୍ଚାୟତର ପଞ୍ଚୁବଟିଠାରେ ଅନୁଷ୍ଠିତ ହୋଇଯାଇଛି। ୨୫ ବର୍ଷ ପରେ ୪୦ଜଣ ସାଙ୍ଗ ଏକାଠି ହୋଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଶେଷରେ ପ୍ରତିବର୍ଷ ବନ୍ଧୁମିଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିରେ କେଶବ ମିଶ୍ର, ରମେଶ ଧୀର, ଦିଲ୍ଲୀପ ପରିଡ଼ା, ଦିବାକର ଲେଙ୍କା, ସିବୁଲି ଧୀର, ଉମେଶ ରଥ, ମମତା ରଣା, ଉର୍ମିଳା ମୁଖି ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ରାଞ୍ଚଳ ଆୟୁକ୍ତଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଯାଜପୁର ଟାଉନ, ୮।୧(ଡି.ଏନ.ଏ.): କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଶୁକ୍ରବାର ଯାଜପୁର ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ସେ ମା' ବିରଜାଙ୍କ ଦର୍ଶନ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ରାଜସ୍ୱ ତଥା ବକେୟା ମାମଲାଗୁଡ଼ିକ ଅନୁଧ୍ୟାନ କରିବା ସହ ତୁରନ୍ତ ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବ୍ଲକ୍, ତହସିଲ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଗୁଡ଼ିକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ତୋମାରଙ୍କ ଭୋଟ ଆକଳନ ଏବେ ଚର୍ଚ୍ଚାରେ

କେନ୍ଦ୍ରାପଡ଼ା ଅଫିସ, ୮।୧

କେନ୍ଦ୍ରାପଡ଼ା ଜିଲା ଭାଜପାର ସାଙ୍ଗଠନିକ ବୈଠକ ସହରର ଗରାପୁରସ୍ଥ ଏକ କଲ୍ୟାଣମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହପ୍ରଭାରୀ ବିଜୟ ସିଂହ ତୋମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେବା ସହ ଓଡ଼ିଶାର ଆଗାମୀ ନିର୍ବାଚନରେ ୫୧ ପ୍ରତିଶତ ଭୋଟ ଦଳକୁ ମିଳିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହି ମତକୁ ନେଇ ବିଭିନ୍ନ ଦଳର କର୍ମକର୍ତ୍ତାଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। କଂଗ୍ରେସ ଓ ବିଜେଡିର ବରିଷ୍ଠ ନେତା ଭାଜପା ନେତାଙ୍କ ଆକଳନ ଭୁଲ ଥିବା ଦର୍ଶାଇଛନ୍ତି। ଭାଜପା ନେତା ଏହା ସମ୍ଭବ ବୋଲି ଦର୍ଶାଇଛନ୍ତି। ଆଗାମୀ ପୌର ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପାଇଁ ଦଳୀୟ ରାଜନେତାଙ୍କ ବାକ୍‌ଯୁଦ୍ଧ ଆରମ୍ଭ ହୋଇଥିବା ରାଜନୈତିକ ସମୀକ୍ଷକ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି, ତୋମାରଙ୍କ ନିର୍ବାଚନୀ ଆକଳନ ନିରାଧାର। ଭାରତୀୟ ଗଣତାନ୍ତ୍ରିକ ନିର୍ବାଚନରେ ଭାଜପା କୌଣସି ରାଜ୍ୟରୁ ପ୍ରତି ବୁଥସ୍ତରରୁ ୫୧ ପ୍ରତିଶତ ଭୋଟ ପାଇନାହିଁ। ଓଡ଼ିଶାରେ ଗତ ସାଧାରଣ ନିର୍ବାଚନରେ ମାତ୍ର ୩୮ ପ୍ରତିଶତ ଭୋଟ ପାଇଥିଲା। ଏବେ କୃଷକ ଆନ୍ଦୋଳନ ୪୪ଦିନରେ ପହଞ୍ଚିଛି। ବେକାରୀ ସମସ୍ୟାର ସମାଧାନ ନାହିଁ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ଭାଜପା ପାଇଁ ବାଟ ଓଗାଳିବ। ଗତ ବାଲେଶ୍ୱର ଓ ତିର୍ତ୍ତୋଲ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଜିତି ଥିବା ବାଲେଶ୍ୱର ଆସନ ହରାଇ ସାରିଛନ୍ତି। ବିଜେଡି ଓ ଭାଜପାର ଭଲ ସମ୍ପର୍କ ଥିବାରୁ ରାଜ୍ୟ ଶାସନରେ ବହୁ ଦୁର୍ନୀତି ଓ ଭ୍ରଷ୍ଟାଚାର ବାହାରକୁ ଆସିଛି। ଆଗାମୀ ଦିନରେ କଂଗ୍ରେସ ହିଁ ଭରସା ଯୋଗ୍ୟ ଦଳ ଭାବେ ଉଭା ହେବ ବୋଲି ବେହେରା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି, ଓଡ଼ିଶା ଗୋଟିଏ ଲିମିଟେଡ କମ୍ପାନୀ ନୁହେଁ ଯେ, ଭାଜପା ଏହାର ୫୧ ପ୍ରତିଶତ ସେୟାର କିଣି କମ୍ପାନୀର ମାଲିକ ହେବ। ଓଡ଼ିଶାରେ ସାଢ଼େ ଚାରି କୋଟିରୁ ଊର୍ଦ୍ଧ୍ୱ ଜନତା ମତ ହିଁ ବିଜେଡିର ବଳ ଭାବେ ସର୍ବଦା ଉଭା ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ତୃଣମୂଳସ୍ତରର ଉନ୍ନୟନ ଯୋଜନା ଓଡ଼ିଶାର ପ୍ରତି ଘରେ ପହଞ୍ଚିଛି। ଓଡ଼ିଆଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅଛି। ଲୋକଙ୍କ ପ୍ରତ୍ୟେକ ସମସ୍ୟାର ସାମାଧାନ ବିଜେଡି କରୁଛି। ବିଭିନ୍ନ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଥିବା ବେଳେ ଭାଜପା ନେତାଙ୍କ ଏହି ବୟାନ ଓଡ଼ିଶା ପାଇଁ ନୁହେଁ ବୋଲି ସାହୁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂବନମୋହନ ଜେନା କହିଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀତ୍ୱ ୩୦ବର୍ଷ ନବୀନ ନିବାସରେ ଥିବାବେଳେ ଦେଶରେ କଂଗ୍ରେସ ୬୦ ବର୍ଷ ଶାସନ କରିଛି। ଏହି ଦୁଇ ଦଳ ପ୍ରକୃତରେ ପ୍ରାଇଭେଟ ଲିମିଟେଡ ପାର୍ଟି ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଉତ୍‌ଥାନରେ ଏମାନେ ବିଚଳିତ ହୋଇପଡିଛନ୍ତି। ଓଡ଼ିଶାକୁ ସ୍ପେଶାଲ ଷ୍ଟାଟସ ପ୍ରସଙ୍ଗ କଂଗ୍ରେସ ଶାସନରେ ମଧ୍ୟ ସମାଧାନ ହୋଇ ପାରିଥାନ୍ତା। କେନ୍ଦ୍ରରେ ଭାଜପା ସରକାରଙ୍କ ଅମଳରେ ବିଭିନ୍ନ ଯୋଜନାରେ ଆସୁଥିବା ପାଣ୍ଠିକୁ ରାଜ୍ୟ ସରକାର ବିନିଯୋଗ କରି ପାରୁନାହାନ୍ତି। ୫୧ ପ୍ରତିଶତ ଜନାଦେଶ ପାଇ ଓଡ଼ିଆ ଓ ଓଡ଼ିଶାର ବିକାଶ ପାଇଁ ସହପ୍ରଭାରୀ ତୋମାର ନିଜ ଦଳକୁ ପ୍ରସ୍ତୁତ କରାଇବା ଏକ ସୁସ୍ଥ ରାଜନୀତି। ଏଥିରେ ବିଜେଡି ଓ କଂଗ୍ରେସ ଆତଙ୍କିତ ନ ହୋଇ ରାଜ୍ୟବାସୀଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଉତ୍ତରଦାୟୀ ହୁଅନ୍ତୁ ବୋଲି ଜେନା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜନୈତିକ ସମୀକ୍ଷକ ଅମରବର ବିଶ୍ୱାଳ, ଶିବାଶିଷ ମହାନ୍ତି, ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ନିକଟରେ ପୌର ଓ ପଞ୍ଚାୟତ ନିର୍ବାଚନ ହେବ। ଏହାକୁ ନେଇ ପ୍ରମୁଖ ୩ ଦଳ ମଧ୍ୟରେ ବୟାନବାଜି ଆରମ୍ଭ ହୋଇଯାଇଛି।

# ଅଧିକାର, ସୁରକ୍ଷା ଦାବି ନେଇ ଦିବ୍ୟାଙ୍ଗଙ୍କ ଅନଶନ



ଅନଶନରେ ବସିଥିବା ଦିବ୍ୟାଙ୍ଗ।

ଯାଜପୁର ଟାଉନ, ୮।୧(ଡି.ଏନ.ଏ.)

ଦିବ୍ୟାଙ୍ଗମାନେ ୯ଦଫା ଦାବିନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କୁ ଅଧିକାର ଓ ସୁରକ୍ଷା ଯୋଗାଇଦେବା, ସ୍ୱାବଲମ୍ବୀ ଏବଂ ସଶକ୍ତୀକରଣ କରିବା ପାଇଁ ଜିଲା ସାମାଜିକ ସୁରକ୍ଷା ବିଭାଗ ପଦକ୍ଷେପ ନେବା, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦିବ୍ୟାଙ୍ଗମଣ୍ଡଳି ଯୋଜନାରେ ପ୍ରଚାର ଓ ପ୍ରସାର ବ୍ୟବସ୍ଥା କରିବା, ସର୍ବସାଧାରଣ କାର୍ଯ୍ୟାଳୟକୁ ଦିବ୍ୟାଙ୍ଗଙ୍କ ନିମନ୍ତେ ସୁଗମ ରାସ୍ତା କରିବା, ଦୃଷ୍ଟିହୀନଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା ଏବଂ ଶିକ୍ଷାଦାନରେ ସମସ୍ତ ବ୍ୟବସ୍ଥା କରାଯାଇ ଦିବ୍ୟାଙ୍ଗଙ୍କୁ ବ୍ୟାଙ୍କ ଋଣ ଦେବାର ବ୍ୟବସ୍ଥା କରିବା, ସେମାନଙ୍କ ଅଭିଯୋଗକୁ ସୋସିଆଲ ମିଡିଆରେ ପ୍ରଚାର କରିବା ସଙ୍ଗେସଙ୍ଗେ ଆବାସିକ ଯୋଜନାରେ ସାମିଲ ଆଦି ଦାବି ନେଇ ଅନଶନରେ ବସି ରହିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ୨ହଜାରରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଅନଶନରେ ସାମିଲ ହେବେ ବୋଲି ସଂଘ ସଭାପତି ମଣ୍ଟୁ ଦାସ ସୂଚନା ଦେଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରାଏ ରନ୍



ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଡ୍ରାଏ ରନ୍ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଅଫିସ, ୮।୧

**କୋଭିଡ୍-୧୯ ଟିକାକରଣ**

ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ୍-୧୯ ଟିକାକରଣ ପାଇଁ ଶୁକ୍ରବାର ଡ୍ରାଏ ରନ୍ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ରୁ ମଧ୍ୟାହ୍ନ ୧୨ଟା ଭିତରେ ୨୦ ଜଣ ସ୍ୱାସ୍ଥ୍ୟ କର୍ମୀଙ୍କ ଡ୍ରାଏ ରନ୍ କରାଯାଇଥିଲା। ନିୟମ ଅନୁଯାୟୀ ପ୍ରବେଶ, ପ୍ରସ୍ଥାନ, ବିଶ୍ରାମ କକ୍ଷ, ଟିକାକରଣ କକ୍ଷ, ନିରୀକ୍ଷଣ କକ୍ଷ ସାଙ୍ଗକୁ ଏଇଆଇଏଫ୍‌ଆଇ ପରିଚାଳନା ଗୃହରେ ଆବଶ୍ୟକ ଡାକ୍ତର, ଭ୍ୟାକ୍ସିନେଟର ଓ ଭ୍ୟାକ୍ସିନେସନ୍ ଅଫିସର ଥିଲେ। ଏଥିରେ ପରିବାର କଲ୍ୟାଣ ଏଡିଏମ୍‌ଓ ଡ. ପ୍ରମୋଦ କୁମାର ବାରିକ, ଏପିଡେମିଓଲୋଜିଷ୍ଟ ଡ. ଅଶୋକ କୁମାର ସାହୁଙ୍କ ସମେତ ବିରିଡ଼ି ବ୍ଲକର ଏବିଡିଓ ସନ୍ତୋଷ ଶତପଥୀ, ସୁପରିଣ୍ଟେଣ୍ଡେଣ୍ଟ ଡ. ରାକେଶ ମହାନ୍ତି, ଡା. ସୌମ୍ୟା ମହାନ୍ତି, ବିପିଏମ୍ ସ୍ମୃତିରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁରେ ପୋଡ଼ି ମହିଳା ଗୁରୁତର

ପାରାଦୀପ, ୮।୧(ସ୍ୱ.ପ୍ର.)

ପାରାଦୀପ ଲକଥାନା ଅନ୍ତର୍ଗତ କୋଠୀ ଗ୍ରାମରେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଜଣେ ମହିଳା ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ସେ ହେଲେ କୋଠୀ ଗ୍ରାମର ସରୋଜ କୁମାର ରାୟଙ୍କ ସ୍ତ୍ରୀ ମାନସୀ। ୧୧ବର୍ଷ ତଳେ ସରୋଜଙ୍କ ସହ ମାନସୀଙ୍କ ପ୍ରେମ ବିବାହ ହୋଇଥିଲା। ତେବେ ସେମାନଙ୍କ ମଧ୍ୟରେ ପ୍ରାୟତଃ କଳହ ଲାଗିରହୁଥିଲା। ଘଟଣାଦିନ ଶାଶୁ ଓ ବୋହୂ ମଧ୍ୟରେ କଳହ ଲାଗି ପରସ୍ପରକୁ ପୋଡିଦେବାକୁ ଉଦ୍ୟମ କରିଥିଲେ। ତେବେ ଶାଶୁ ବର୍ତ୍ତିଯାଇଥିବା ବେଳେ ମାନସୀ ପୋଡି ହୋଇଯାଇଛନ୍ତି। ଉଦ୍ଧାର କରିବାକୁ ଯାଇ ସ୍ୱାମୀ ସରୋଜ ଓ ତାଙ୍କ ଝିଅ ମଧ୍ୟ ପୋଡି ଆହତ ହୋଇଛନ୍ତି। ଏନେଇ ମାନସୀଙ୍କ ବାପା ଧ୍ରୁବଚରଣ ଲକ୍‌ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୨/୨୧)ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ବିଦ୍ୟାଳୟ ହତାରୁ ଗଛ କଟାକୁ ନେଇ ଅସନ୍ତୋଷ

ରସୁଲପୁର, ୮।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ମଧୁପୁର ଉଚ୍ଚ ବିଦ୍ୟାଳୟ, କଲଣ ହତାରେ ଥିବା ଗଛଗୁଡ଼ିକୁ ବିଦ୍ୟାଳୟ କର୍ତ୍ତୃପକ୍ଷ କାଟି ବିକ୍ରି କରିଥିବା ଅଭିଯୋଗ ହୋଇଛି। କଲଣ ପଞ୍ଚାୟତର ବୁଦ୍ଧିଜୀବୀ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ବିଦ୍ୟାଳୟକୁ ସୌନ୍ଦର୍ଯ୍ୟକରଣ ପାଇଁ ଚାରାରୋପଣ କରାଯାଇଥିଲା। କିଛିଦିନ ତଳେ ହତାରେ ଥିବା ଗଛଗୁଡ଼ିକୁ ହାଣି ଦିଆଯାଇଛି। ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଥିବା ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବର୍ତ୍ତମାନର ସହକାରୀ ଶିକ୍ଷକ ଧୀରେନ୍ଦ୍ର ସାହୁଙ୍କ ପ୍ରୟାସରେ ଏଭଳି କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଗଛଗୁଡ଼ିକୁ ବିକ୍ରିକରି ସେଥିରୁ ମିଳିଥିବା ଅର୍ଥ ବିଦ୍ୟାଳୟର ଉନ୍ନୟନ ପାଣ୍ଠିକୁ ଆଣାଯାଇ ନ ଥିବା ଜଣାଯାଇଛି। ସାହୁ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇବା ସମୟରେ ଅନେକ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ରହିଛନ୍ତି ବୋଲି କୁହାଯାଉଛି। ଏହା ଭିତରେ ସ୍ଥାୟୀ ପ୍ରଧାନଶିକ୍ଷକ କୁଳମଣି ଦାସ ଯୋଗ ଦେଇସାରିଛନ୍ତି। ସହକାରୀ ଶିକ୍ଷକ ଏ ଦିଗରେ ପ୍ରଧାନଶିକ୍ଷକଙ୍କୁ



ବିଦ୍ୟାଳୟ ପରିସରରେ କଟା ହୋଇଥିବା ଗଛ।

ଅବଗତ କରାଇନାହାନ୍ତି। ଏପରି କି ବିଦ୍ୟାଳୟ ପରିସରରୁ କାଠ ଗଣ୍ଡିଗୁଡ଼ିକ ବିକ୍ରି ହେବାକୁ ବାହାରକୁ ପରିବହନ ହେଉଛି। ଏହାଛଡ଼ା ଏ ବାବଦରେ ଆସୁଥିବା ଅର୍ଥ କେଉଁଆଡେ ଯାଉଛି ପ୍ରଧାନଶିକ୍ଷକ ଦାସ ଅବଗତ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏହାଛଡ଼ା ଗଛ କଟା କାର୍ଯ୍ୟ ତାଙ୍କ ସମୟରେ ହୋଇନାହିଁ। ସେତେବେଳେ ଯିଏ ଦାୟିତ୍ୱରେ ଥିଲେ ସେ ସମ୍ପର୍କରେ କହିପାରିବେ ବୋଲି ମତ ରଖିଛନ୍ତି। ଏନେଇ ସହକାରୀ ଶିକ୍ଷକ ସାହୁଙ୍କୁ ପଚାରିବାରୁ ବିଦ୍ୟାଳୟ ହତାରେ ବଗିଚା କରିବା ପାଇଁ ଉକ୍ତ ଗଛଗୁଡ଼ିକୁ କାଟି ଦେଇଥିଲେ। ଏ ଦିଗରେ କାହାରି ଠାରୁ ଅନୁମତିଆଣି ନ ଥିବା ସେ ପ୍ରକାଶ କରିଛନ୍ତି।

# ୭୫% ଉପସ୍ଥାନ କମିଲେ ପରୀକ୍ଷା ମନା

ନୟାଗଡ ଅଫିସ, ୮।୧

**୧୧ରେ ଖୋଲିବ କେନ୍ଦ୍ରୀୟ ବିଦ୍ୟାଳୟ**

ନୟାଗଡ଼ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଆସନ୍ତା ୧୧ ତାରିଖରୁ ଖୋଲିବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଏସ୍. ଶ୍ରୀନିବାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିକ୍ଷକ-ଅଭିଭାବକଙ୍କ ବୈଠକରେ ଶୁକ୍ରବାର କହିଛନ୍ତି। କେବଳ ଦଶମ ଓ ଦ୍ୱାଦଶ ପିଲାଙ୍କ ପାଇଁ ଉଭୟ ଅନଲାଇନ ଏବଂ ଅଫଲାଇନରେ କ୍ଲାସ କରାଯିବ। ପ୍ରତ୍ୟେକ କ୍ଲାସରେ ପିଲା ଶାରୀରିକ ଦୂରତା ବଜାୟ ରଖି ବସିବେ। ଛାତ୍ରୀଛାତ୍ର ମାସ୍କ ପରିଧାନ କରି ବିଦ୍ୟାଳୟକୁ ଆସିବେ। ବିଦ୍ୟାଳୟ ପକ୍ଷରୁ ପିଲାଙ୍କ ଶରୀର ତାପମାତ୍ରା, ହୃଦସ୍ପନ୍ଦନ ଯାଞ୍ଚ ଏବଂ ହାତ ସାନିଟାଇଜ କରାଯିବ। ଛାତ୍ରୀଛାତ୍ର ଆସିବା ପୂର୍ବରୁ ପ୍ରତ୍ୟହ ଶ୍ରେଣୀକକ୍ଷ, ଆସବାବପତ୍ର ଓ ଶ୍ରେଣୀ ପାହାଚଗୁଡିକ ସାନିଟାଇଜ କରାଯିବ। ବିଦ୍ୟାଳୟର ପ୍ରତ୍ୟେକ କୋଣରେ ଛାତ୍ରୀଛାତ୍ରଙ୍କ ପାଇଁ ସାନିଟାଇଜର ପଏଣ୍ଟ ରହିବ। ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟକୁ ଟିଫିନ ବକ୍ସ, ପାଣିବୋତଲ ଆଣିବାକୁ ଅନୁମତି ଥିବାବେଳେ ଅନ୍ୟ ସାଙ୍ଗଙ୍କ ସହ ନ ବାଣ୍ଟିବାକୁ କୁହାଯାଇଛି। ସମୁଦାୟ ୧୦୦ଦିନର କ୍ଲାସ ପାଇଁ ଅନ୍ୟୁନ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ। ୭୫ ପ୍ରତିଶତରୁ ଉପସ୍ଥାନ କମିଲେ ସିବିଏସ୍‌ଇ ପରୀକ୍ଷା ଦେବାରୁ ଛାତ୍ରୀଛାତ୍ର ବଞ୍ଚିତ ହେବେ ବୋଲି ଅଧ୍ୟକ୍ଷ ଉପସ୍ଥିତ ଅଭିଭାବକଙ୍କୁ କହିଥିଲେ। ପିଲା ବିଦ୍ୟାଳୟ ଆସିବାକୁ ଅଭିଭାବକଙ୍କ ସମ୍ମତିପତ୍ର ଜରୁରୀ, ସବୁପିଲା ବିଦ୍ୟାଳୟ ଆସିବା ବାଧ୍ୟତାମୂଳକ ନୁହେଁ। ଯେଉଁ ପିଲାମାନେ ବିଦ୍ୟାଳୟ ନ ଆସିବେ ସେମାନେ ଅନଲାଇନରେ କ୍ଲାସ କରି ୭୫ ପ୍ରତିଶତ ଉପସ୍ଥାନ ଦେଇ ସିବିଏସଇ ପରୀକ୍ଷା ଦେଇପାରିବେ। କୋଭିଡ ସମୟରେ ପିଲାଙ୍କ ସ୍ୱାସ୍ଥ୍ୟ ନିୟମିତ ଯାଞ୍ଚ ପାଇଁ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଜଣେ ନର୍ସ ଏବଂ ଜଣେ କାଉନସିଲର ନିଯୁକ୍ତି ପାଇଁ ଅଧ୍ୟକ୍ଷଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ପିଲାଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପ୍ରତି କ୍ଲାସରେ ସିସିଟିଭି ଲଗାଇବାକୁ ଅଭିଭାବକ ମହାସଂଘ ପକ୍ଷରୁ ଜିଲା ପ୍ରତିନିଧି ଗୌରୀ ଶଙ୍କର ଦାସ ପ୍ରସ୍ତାବ ଦେଇଥିଲେ। ଏ ଦିଗରେ ବିହୀତ ପଦକ୍ଷେପ ନେବେ ବୋଲି ଉପସ୍ଥିତ ଅଭିଭାବକମାନଙ୍କୁ ଅଧ୍ୟକ୍ଷ ଶ୍ରୀନିବାସନ ପ୍ରତିଶ୍ରୁତି ଦେଇଥିଲେ।



ଯାଜପୁର ଟାଉନ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କୋଭିଡ୍ କଟକଣା ଅନୁସାରେ ଶୁକ୍ରବାର ପାଠ ପଢ଼ାଯାଉଛି।

# ଧାନମଣ୍ଡି ଉଦ୍‌ଘାଟିତ



ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଧର୍ମଶାଳା, ୮।୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ଉକ୍ତ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୨ ଚାଷୀଙ୍କଠାରୁ ୩୫୧.୨୩ କୁଇଣ୍ଟାଲ ଧାନ କିଣା ଯାଇଥିଲା। ସମିତିରେ ୨୫୭ ଚାଷୀ ଧାନ ବିକ୍ରି ପାଇଁ ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪୨୦୦ କୁଇଣ୍ଟାଲ ଧାନ କିଣାଯିବା ପାଇଁ ସ୍ଥିର କରାଯାଇଛି। ଉତ୍ସବରେ ବିଆର୍‌ସିଏସ୍ ରୁଦ୍ର ପ୍ରସାଦ ଦାସ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ବରିଷ୍ଠ ନେତା ଜଳଧର ସାହୁ, ସମବାୟ ସମିତି ପ୍ରଶାସକ ରବୀନ୍ଦ୍ର ନାଥ ଜେନା ଉପସ୍ଥିତ ଥିଲେ। ସମ୍ପାଦକ ଶମ୍ଭୁନାଥ ମହାନ୍ତି ସହଯୋଗ କରିଥିଲେ।

# ଖୋଲିଲା ସ୍କୁଲ, ପିଲାଙ୍କ ମଧ୍ୟରେ ଉତ୍ସାହ

କେନ୍ଦ୍ରାପଡ଼ା ଅଫିସ, ୮।୧

କରୋନା ସଂକ୍ରମଣ ପାଇଁ ବନ୍ଦ ରହିଥିବା ଶିକ୍ଷାନୁଷ୍ଠାନ ଶୁକ୍ରବାର ଖୋଲିଛି। ଦୀର୍ଘ ୯ ମାସ ପରେ ଘଣ୍ଟି ବାଜିବା ସହ ଦଶମ ଓ ଦ୍ୱାଦଶ ଶ୍ରେଣୀର ଶିକ୍ଷାର୍ଥୀ ସ୍କୁଲରେ ପହଞ୍ଚିଛନ୍ତି। ଶିକ୍ଷା ବର୍ଷର ୧୦୦ ଦିନରେ ସମସ୍ତ କୋର୍ସ ସରିବା ନେଇ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ଏପରିସ୍ଥିତି କେନ୍ଦ୍ରାପଡ଼ା ଜିଲାରେ ଦେଖିବାକୁ ମିଳିଛି। ଜିଲାରେ ବିଭିନ୍ନ ବର୍ଗର ୩୫୮ ହାଇସ୍କୁଲ ଅଛି। ଏଥିରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ୧୮,୯୮୫। ସେହିପରି ୯୩ଟି ହାୟର ସେକେଣ୍ଡାରୀ ବିଦ୍ୟାଳୟରେ ୧୨,୫୮୯ ଜଣ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କରାଯିବ। ତେବେ କୋଭିଡ-୧୯ ଏସ୍‌ଓପିକୁ ପାଳନ କରାଯିବ ବୋଲି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ମତ ଦେଇଛନ୍ତି। ସେହିପରି ସ୍କୁଲ ଖୋଲିଥିବାରୁ ଶିକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

“ ଦୀର୍ଘଦିନ ସ୍କୁଲ ବନ୍ଦ ରହିବା ଦ୍ୱାରା ଶିକ୍ଷା ଗ୍ରହଣରେ ବାଧା ସୃଷ୍ଟି ହୋଇଛି। ସମସ୍ତ ଶିକ୍ଷାର୍ଥୀଙ୍କ ନିକଟରେ ଉନ୍ନତ ଧରଣର ଫୋନ ନ ଥିବାରୁ ଅନଲାଇନ କ୍ଲାସ ସମ୍ଭବ ହୋଇନାହିଁ। ସେହିପରି ନେଟୱାର୍କ ଏକ ସମସ୍ୟା ହୋଇଥିଲା। ସ୍କୁଲ ଖୋଲିଲା ପରେ ଏସବୁ ସମସ୍ୟା ଦୂର ହେବା ସହ ପାଠପଢ଼ା ପୂର୍ବାନୁଯାୟୀ ହେବ। ନୂତନ ଉତ୍ସାହର ସହ ସ୍କୁଲକୁ ଆସିଛି।

**-ଶ୍ରୀରାମ ସ୍ୱାଇଁ, ଛାତ୍ର, କରିଲୋପାଟଣା ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା**

“ ଅନ୍‌ଲାଇନ କ୍ଲାସରେ ସମସ୍ତ ବିଷୟକୁ ଠିକ୍ ଭାବେ ବୁଝି ହୋଇନାହିଁ। ଫଳରେ ପାଠପଢାରେ ବହୁ ତ୍ରୁଟି ରହିଯାଇଛି। ସ୍କୁଲକୁ ଆସିବା ପରେ ଏହାକୁ ସୁଧାରିବାକୁ ଚେଷ୍ଟା କରିବି। ସେହିପରି ସାଥୀଙ୍କ ପାଠପଢ଼ା ଅଗ୍ରଗତି ସମ୍ପର୍କରେ ସୂଚନା ସହ ପରୀକ୍ଷା ପାଇଁ ପ୍ରେରଣା ମିଳିବ।

**-ଚିନ୍ମୟୀ କର, ଛାତ୍ରୀ, କରିଲୋପାଟଣା ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡ଼ା**

“ କରୋନା ସଂକ୍ରମଣ ଭୟ ଏବେ ବି ଯାଇନାହିଁ। ଏଥିପାଇଁ ସତର୍କ ରହିବାକୁ ପଡିବ। ସ୍କୁଲ କେବଳ ପାଠପଢ଼ାରେ ସୀମିତ ନ ଥିଲା। ଖେଳକୁଦ ସହ ବିଭିନ୍ନ ପ୍ରତିଯୋଗିତା ଆଗକୁ ବଢ଼ିବାକୁ ସୁଯୋଗ ଦେଉଥିଲା। ଏସବୁ ଚଳିତବର୍ଷ ବନ୍ଦ ହୋଇଯାଇଥିଲା। ବର୍ଷକର କୋର୍ସ ୧୦୦ ଦିନ ମଧ୍ୟରେ ସାରି ପରୀକ୍ଷା ଦେବାକୁ ପଡିବ। ଏଥିପାଇଁ ପ୍ରସ୍ତୁତ ହେଉଛୁ। ସ୍କୁଲ ଖୋଲିବା ଖବର ଜାଣିବା ପରେ ଖୁସି ଲାଗିଲା।

**-ମହମ୍ମଦ ଏହସାନ, ଛାତ୍ର, କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲ, କେନ୍ଦ୍ରାପଡ଼ା**

“ ମୁଁ ଭାବିଥିଲି ଏ ବର୍ଷ ମାଟ୍ରିକ ପରୀକ୍ଷାରୁ ଆମେ ବଂଚିତ ହୋଇପାରୁ। ମାତ୍ର ଆମ ବିଦ୍ୟାଳୟ ଖୋଲାଯାଇ ପାଠପଢ଼ା ଆରମ୍ଭ ହୋଇଥିବାରୁ ମୁଁ ଏତେ ଖସି ମୁଁ ତାହା ଭାଷାରେ ପ୍ରକାଶ କରିପାରୁନି। ଆମର କ୍ଲାସ ହେବ ଓ ଆମେ ମାଟ୍ରିକ ପରୀକ୍ଷା ଏ ବର୍ଷ ଦେବୁ ସେ ନେଇ ଆମ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଖୁସି।

**-ଇତିସ୍ମିତା ବେହେରା, ଛାତ୍ରୀ, ମାରୁତି ଉଚ୍ଚବିଦ୍ୟାପୀଠ, ବାଘିଲୋବାବନପୁର, ଡେରାବିଶ**

“ କୋଭିଡ୍ କଟକଣା ସତ୍ତ୍ୱେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜ୍ୟ ସରାକର ବିଦ୍ୟାଳୟଗୁଡିକ ଖୋଲିଥିବାରୁ ମୁଁ ବହୁତ ଖୁସି। ମୋ ପୁଅର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବ। କୋଭିଡ୍ କଟକଣା ପାଇଁ ବିଦ୍ୟାଳୟଗୁଡ଼ିକ ଖୋଲାଯାଇ ନ ଥିବାରୁ ପିଲାର ଭବିଷ୍ୟତ ନେଇ ବହୁ ଦୁଃଖିତ ଥିଲି।

**-ସସ୍ମିତା ମଲ୍ଲ, ଅଭିଭାବକ, ନିଳିକଣା, ଡେରାବିଶ**

“ ଶିକ୍ଷାନୁଷ୍ଠାନଗୁଡିକ କରୋନା ସଙ୍ଗରୋଧ ଗୃହ ଭାବେ ଦୀର୍ଘଦିନ ବ୍ୟବହୃତ ହେଉଥିଲା। ଏଥିପାଇଁ ଶିକ୍ଷାନୁଷ୍ଠାନକୁ ସାନିଟାଇଜ କରିବା ପ୍ରାଥମିକ କାର୍ଯ୍ୟ ହୋଇଛି। ଏଥିସହ ଶିକ୍ଷାର୍ଥୀଙ୍କ ବସିବା ସ୍ଥାନ, ଶିକ୍ଷାଦାନ ଆଦିକୁ ବ୍ୟବସ୍ଥିତ କରାଯାଇଛି। ଶିକ୍ଷାର୍ଥୀଙ୍କ ଆସିବା ସମୟରେ ଥର୍ମାଲ ସ୍କ୍ରିନିଂ, ସାନିଟାଇଜ ଆଦିକୁ ନିରୀକ୍ଷଣ କରାଯାଇଛି। ଥଣ୍ଡା, ଜ୍ୱର ଥିବା ଶିକ୍ଷାର୍ଥୀଙ୍କ ପାଇଁ ଆଇସୋଲେଶନ କକ୍ଷ ହୋଇଛି। ମାତ୍ର ୧୦୦ ଦିନ ମଧ୍ୟରେ କୋର୍ସ ସମାପ୍ତକୁ ଗୁରୁତ୍ୱ ଦିଆଯିବ।

**- ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଅଧ୍ୟକ୍ଷ , କେନ୍ଦ୍ରାପଡ଼ା କଲେଜ**

**ଆନ୍ଦୋଳନ କରି ମୃତ୍ୟୁ ଘଟିଥିବା ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି**

ନୟାଗଡ ଅଫିସ:ନୟାଗଡ ଜିଲା ଯୁବ କଂଗ୍ରେସ ପକ୍ଷରୁ ରଣପୁର ସହରର ରଘୁ ଦିବାକର ସ୍ମୃତିମଣ୍ଡପଠାରେ ଦିଲ୍ଲୀରେ ଆନ୍ଦୋଳନରତ ମୃତ ଚାଷୀଙ୍କୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ମୀର ଅବୁବକରଙ୍କ ନେତୃତ୍ୱରେ ଅନୁଷ୍ଠିତ ମହମବତି ଶୋଭାଯାତ୍ରାରେ ଚାଷୀଙ୍କ ଉଦ୍ଦେଶ୍ୟରେ ୬ ମିନିଟ୍ ପାଇଁ କରାଯାଇଥିଲା। ଏଥିରେ ଆଇନଜୀବୀ ସତ୍ୟ ରଞ୍ଜନ ମତା, ଉମେଶ ସାହୁ, ବାଦଲ ପ୍ରଧାନ, ଜିଲା କଂଗ୍ରେସ କିଷାନ ସେଲର ସଭାପତି ଧ୍ରୁବ ଚରଣ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ନୂତନ ଜିଲାପାଳ ଅମ୍ରିତ ଋତୁରାଜଙ୍କ ଯୋଗଦାନ



**କେନ୍ଦ୍ରାପଡା ଅଫିସ, ୮।୧:** କେନ୍ଦ୍ରାପଡା ଜିଲାର ୪୮ତମ ଜିଲାପାଳ ଭାବେ ଶୁକ୍ରବାର ଆଇଏଏସ ଅମ୍ରିତ ଋତୁରାଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଡିଏମ୍ ବସନ୍ତ କୁମାର ରାଉତଙ୍କଠାରୁ ଅପରାହ୍ନରେ ଦାୟିତ୍ୱ ଗ୍ରହଣ ପରେ ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି। ଏଥିସହ ଜିଲାର ବିକାଶ ପାଇଁ ବଦ୍ଧ ପରିକର ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ କହିଥିଲେ, ଉପକୂଳ ଅଞ୍ଚଳର ଏହି ଜିଲା ବିକାଶ ଅପେକ୍ଷାରେ ଅଛି। ପୂର୍ବରୁ ବହୁ ଉନ୍ନୟନ କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ତ୍ୱରାନ୍ୱିତ କରାଯିବ। ଏଥସହ ଜିଲାବାସୀ ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟକୁ ରକ୍ଷା କରି ଅଧିକ ପ୍ରକଳ୍ପ କରାଯିବ। ସୂଚନାଯୋଗ୍ୟ, ୨୦୧୫ର ଆଇଏଏସ ଅମ୍ରିତ ଋତୁରାଜ ଚାକିରି ଜୀବନର ପ୍ରଥମ ଜିଲାପାଳ ଭାବେ କେନ୍ଦ୍ରାପଡା ଜିଲାରେ ଯୋଗ ଦେଇଛନ୍ତି। ଜିଲାପାଳ ଅମ୍ରିତଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଜିଲା ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

### ଜାତୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ରେଫରି ତାଲିକାରେ ପାରାଦୀପରୁ ୩ ସାମିଲ

**ପାରାଦୀପ, ୮।୧(ସ୍ୱ.ପ୍ର.):** ଭଲିବଲ ମହାସଂଘ ପକ୍ଷରୁ ଆସନ୍ତା ଫେବୃୟାରୀରେ କେରଳ ଓ କୋଲକାତାରେ ଜାତୀୟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ରେଫରି ତାଲିକାରେ ଜଗତ୍‌ସିଂହପୁର ଜିଲା ପାରାଦୀପରୁ ୩ ଜଣ ସାମିଲ ହୋଇଛନ୍ତି। ସେମାନେ ହେଲେ ମୋହନ କୁମାର ମହାପାତ୍ର, ସତ୍ୟଜିତ୍ ବେହେରା ଓ ଜ୍ଞାନେନ୍ଦ୍ର ସାମଲ। ଏହି ତାଲିକାରେ ରାଜ୍ୟରୁ ମୋଟ୍ ୨୫ଜଣ ସାମିଲ ହୋଇଛନ୍ତି। ଏନେଇ ଜାତୀୟ ଭଲିବଲ ଫେଡେରେଶନ ସଭାପତି ଡା. ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାସ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ଜୟନ୍ତୀ

**କେନ୍ଦ୍ରାପଡା ଅଫିସ, ୮।୧:** କେନ୍ଦ୍ରାପଡା ଜିଲା ବିକାଶ ସାମୁଖ୍ୟ ପକ୍ଷରୁ ରାଜନଗରର ପ୍ରଥମ ମହିଳା ବିଧାୟିକା ତଥା ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କର ୧୦୭ତମ ଜୟନ୍ତୀ ଖଡିଅଙ୍କସ୍ଥ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପାଳନ କରାଯାଇଛି। ସାମୁଖ୍ୟ ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକା ଭାବେ ସରସ୍ୱତୀଙ୍କ ଜିଲା ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଶିକ୍ଷାବିତ ଅଜୟ ସାମଲ, କରୁଣାକର ଦାସ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗୀରଥି ଜେନା, ସୁରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଜିଲା ବିଜେଡି ସାଧାରଣ ସମ୍ପାଦକ ପଦ ବଜାୟ ରଖିଲେ ପ୍ରଦୀପ

**ରସୁଲପୁର,୮।୧(ଡି.ଏନ.ଏ.):** ଯାଜପୁର ଜିଲା ବିଜେଡି କମିଟି ଗଠିତ ହୋଇଛି। ଏଥିରେ ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳର ପ୍ରଦୀପ ଦାସ ପୁଣି ଜିଲା ବିଜେଡି ସାଧାରଣ ସମ୍ପାଦକ ପଦ ହାତେଇଛନ୍ତି। ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଥିବାରୁ ସେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,



ଏମ୍‌ପି ଶର୍ମିଷ୍ଠା ସେଠୀ, ବିଧାୟିକା ସୁନନ୍ଦା ଦାସ, ବରିଷ୍ଠ ନେତା ଦେବେନ୍ଦ୍ର ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରଦୀପଙ୍କ ନାମ ଘୋଷଣା ପରେ ତାଙ୍କ ସମର୍ଥକଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ତାଙ୍କ ବ୍ରହ୍ମବରଦାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ହିନ୍ଦ୍ ମଜଦୁର ସଭା, ଜିଲା ଆଞ୍ଚଳିକ ବିଡି ଶ୍ରମିକ ସଂଘ ଓ ଜିଲା ନିର୍ମାଣ ଶ୍ରମିକ ସଂଘ କର୍ମକର୍ତ୍ତା ପହଞ୍ଚି ଅଭିନନ୍ଦନ ଜଣାଇଛନ୍ତି।

# ଓଭରଲୋଡିଂ ମୋରମ ପରିବହନ, ଦବୁଛି ରାସ୍ତା

ଯାଜପୁର ଅଫିସ,୮।୧

ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନତି ଦୂର ଯାଜପୁର ତହସିଲ ଅଧୀନ ବୈତରଣୀ ନଦୀର ଦେବୀଗୌଡ଼ା ଘାଟରୁ ମେଶିନ ଲଗାଇ ବାଲି ଉତ୍ତୋଳନ ହେଉଛି। ଏହାକୁ ପୁଣି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଦେଇ ହାଇୱା ଗାଡ଼ି ଯୋଗେ ଓଭରଲୋଡିଂ ପରିବହନ ହେଉଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ବାୟୁ ପ୍ରଦୂଷଣରେ ନାହିଁ ନଥିବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ବ୍ୟାସନଗର ତହସିଲ ଅନ୍ତର୍ଗତ ମଞ୍ଜୁରୀ ମୌଜାର ଏକ ଜଙ୍ଗଲ କିସମ ଜମିରୁ ପୋଖରୀ ଖନନ ନାମରେ ବ୍ୟାପକ ଭାବେ ମୋରମ ଉତ୍ତୋଳନ କରାଯାଉଛି। ଏହି ମୋରମକୁ ଯାଜପୁରରୋଡ ପାଣିକୋଇଲି ୨୦ ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍) ଦେଇ ହାଇୱା ଗାଡିରେ ଅତିରିକ୍ତ ଡାଲା ବୃଦ୍ଧି କରି ଓଭରଲୋଡିଂ ପରିବହନ

**ବୈତରଣୀ ଦେବୀଗୌଡ଼ା ବାଲିଘାଟରେ ମେଶିନ ବ୍ୟବହାର**



ପାଣିକୋଇଲି ୨୦ ନଂ. ଏନ୍ଏଚ୍‌ରେ ହାଇୱାରେ ଓଭରଲୋଡିଂ କରି ବାଲି ନିଆଯାଉଛି।

ହେଉଛି। ଏଥିଯୋଗୁ ୨୦ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଦବି ଯିବା ସହ ଏକାଧିକ ଖାଲ ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଇଛି। ପରିବହନ ସମୟରେ ରାସ୍ତାରେ ମୋରମ ପଡୁଥିବାରୁ ଅନ୍ୟ ଛୋଟ ଗାଡି ଓ ବାଇକ ଆରୋହୀଙ୍କ ପାଇଁ ବିପଦ ହେଉଛି। ଓଭରଲୋଡିଂ ତନଖି ଦାୟିତ୍ୱରେ ଥିବା ଅଧିକାରୀମାନେ ଏହି ବ୍ୟବସାୟୀମାନଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ନୀରବ ସାଜିଛନ୍ତି। ଏଠାରେ ପ୍ରଶାସନ ହାର ମାନି ହାତ ଟେକି ଦେଇଥିବା ଭଳି ମନେ ହୁଏ। ପରିବହନ ବିଭାଗର ନିଷ୍କ୍ରିୟତା ତଥା ଉଦାସୀନତା କାରଣରୁ ୬ଚକିଆ ଟ୍ରକଗୁଡିକ ୯.୫ ଟନ୍ ପରିବର୍ତ୍ତେ ୨୦ରୁ ୨୫ ଟନ୍ ମାଲ ପରିବହନ କରୁଥିବାବେଳେ ୧୦ଚକିଆ ଟ୍ରକଗୁଡିକ ୧୬ ଟନ୍ ପରିବର୍ତ୍ତେ ୪୦ ରୁ ୫୦ ଟନ, ୧୨ଚକିଆ ଟ୍ରକଗୁଡିକ ୨୦ ଟନ୍ ପରିବର୍ତ୍ତେ ୫୦ ରୁ ୬୦ ଟନ୍ ମାଲ ପରିବହନ କରୁଥିବା ଦେଖିବାକୁ ମିଳୁଛି। ୪୦୭ ମିନିଟ୍ରକଗୁଡିକ ୩ ଟନ୍‌ର ମାଲ ପରିବହନ କରିପାରିବାର ସରକାରୀ ନିୟମ ରହିଥିବାବେଳେ ଏମାନେ ୭ ରୁ ୮ ଟନ୍ ମାଲ ପରିବହନ କରୁଛନ୍ତି। ଓଭରଲୋଡିଂ ମାଲ ପରିବହନ କରି ଗାଡିଚାଳକ ଓ ମାଲିକମାନେ ଅଧିକ ମୁନାଫା ପାଉଥିବାବେଳେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି। ଏ ସଂକ୍ରାନ୍ତରେ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ରୀତିମତ ଭାବେ ଚେକିଂ ଚାଲିଛି। ତଥାପି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ସୂଚାଇ ଦେଇ ଅଧିକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯିବ ବୋଲି ସେ କହିଛନ୍ତି।

# ମିନି ଷ୍ଟାଡିୟମ ଶିଳାନ୍ୟାସ



କଷଣଅଣ୍ଡା ମିନିଷ୍ଟାଡିୟମ୍ ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ରଘୁନନ୍ଦନ ଦାସ, ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ ୮।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଡା ପଡିଆଠାରେ ରାଜ୍ୟ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ଶୁକ୍ରବାର ଏକ ମିନି ଷ୍ଟାଡିୟମ ଶିଳାନ୍ୟାସ କରିଛନ୍ତି। ତାଙ୍କ ସହ ଜଳସମ୍ପଦ ଓ ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ରାଜନଗର ବିଧାୟକ ଧ୍ରୁବ ସାହୁ, କୋରେଇ ବିଧାୟକ ଅଶୋକ କୁମାର ବଳ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଅତିଥିମାନଙ୍କ ସହ ବିଜେଡି ବ୍ଲକ ସଭାପତି କିଶୋର ସାହୁ, ନଗର ସଭାପତି ଭୋଳାନାଥ ପାତ୍ରୀଙ୍କ ସହ ପ୍ରାକ୍ତନ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ସମେତ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଦୀର୍ଘଦିନ ଧରି କ୍ରୀଡ଼ାର ପ୍ରଚାର ପ୍ରଶାର ପାଇଁ ଏଠାରେ ଏକ ଷ୍ଟାଡିୟମ ପାଇଁ ଦାବି ହୋଇ ଆସୁଥିଲା। ମିନି ଷ୍ଟାଡିୟମ ଶିଳାନ୍ୟାସ କ୍ରୀଡା ପ୍ରତି ଯୁବକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି।

# ଟିପ୍ପର ବୋଝେଇ ଟ୍ରକ୍ ଚାପାରେ ଛାତ୍ରୀଙ୍କ ମୃତ୍ୟୁ

ଯାଜପୁର ସଦର/ଯାଜପୁର ଟାଉନ୍, ୮।୧(ଡି.ଏନ.ଏ.)

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ବରୀ ମୁଖ୍ୟ ରାସ୍ତାର କେତକିଆଁ ଛକ ନିକଟରେ ଶୁକ୍ରବାର ସକାଳ ସାଢେ ୫ଟା ସମୟରେ ଜଣେ କଲେଜ ଛାତ୍ରୀଙ୍କ ଉପରେ ଟିପ୍ପର ବୋଝେଇ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ଛାତ୍ରୀ ଜଣକ ହେଲେ ବରୁଆଁ ଗ୍ରାମର ଶିବ ଚରଣ ଜେନାଙ୍କ ବଡ଼ଝିଅ ସସ୍ମିତା ଜେନା(୧୯)। ସେ ଯୁକ୍ତ ୩ ପ୍ରଥମ ବର୍ଷରେ ପଢ଼ନ୍ତି। ଘଟଣାକୁ ନେଇ ଗ୍ରାମବାସୀ ବରୁଆଁ ବରୀ ମୁଖ୍ୟରାସ୍ତାକୁ ୨ଘଣ୍ଟା ଧରି ଅବରୋଧ କରି ରଖିଥିଲେ। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକ, ଯାଜପୁର ତହସିଲଦାର ସୁଶାନ୍ତ କୁମାର ପତି, ବରୀ ଥାନାଧିକାରୀ ଅଜୟ ଜେନା, ସଦର ଥାନାଧିକାରୀ ବଂଶୀଧର ବେହେରା ଓ ଯାଜପୁର ଟାଉନ ଥାନାଧିକାରୀ ମାନସ ଚକ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ପରିବାରବର୍ଗଙ୍କୁ ପ୍ରଶାସନ ପକ୍ଷରୁ ନଗଦ ୧୦ହଜାର ଟଙ୍କା ଦିଆଯାଇଥିଲା।



ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

ଏଥିସହିତ ଗୋଟିଏ ପକ୍କାଘର ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇବା ସହିତ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ଟ୍ରକର ଡ୍ରାଇଭର ଫେରାର ଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ୩ କଲେଜ ଛାତ୍ରୀ ପ୍ରାତଃ ଭ୍ରମଣରେ ରାସ୍ତା କଡ଼ରେ ଚାଲି ଚାଲି ଯାଉଥିଲେ। ସେହି ସମୟରେ ବରୁଆଁଛକରୁ ବରୀ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଟିପ୍ପର ବୋଝେଇ ଟ୍ରକ( ଓଆର ୦୪ ଏଚ ୭୨୭୪) ଅନ୍ୟ ଏକ ଆଖୁ ବୋଝେଇ ଟ୍ରକକୁ ରାସ୍ତା ଦେବାକୁ ଯାଇ ସିଧା ଛାତ୍ରୀମାନଙ୍କ ଉପରେ ଚଢ଼ିଯାଇଥିଲା। ଅନ୍ୟ ଦୁଇ ଛାତ୍ରୀ ରାସ୍ତାକଡ଼କୁ ଡେଇଁ ପଡ଼ି ଜୀବନ ବଞ୍ଚାଇଥିବାବେଳେ ଘଟଣାସ୍ଥଳରେ ସସ୍ମିତାଙ୍କ ମୃତ୍ୟୁ ହୋଇଥିଲା। ଓଭରଲୋଡିଂ ଗାଡି ଚଳାଚଳ, ଡ୍ରାଇଭରଙ୍କ ନିୟନ୍ତ୍ରଣର ଅଭାବ ନିରୀହ ଲୋକଙ୍କ ଜୀବନ ନେଉଛି ବୋଲି ସେଠାରେ କ୍ଷୋଭ ପ୍ରକାଶ ପାଇଥିଲା।

### ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୮।୧(ଡି.ଏନ.ଏ.)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରେ ଅଲିଭରିଡଲେ ସୁରକ୍ଷା ଦେବାକୁ ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ ଓ ବନବିଭାଗ ମିଳିତ ଭାବେ ପାଟ୍ରୋଲିଂ କରୁଛନ୍ତି। ଶୁକ୍ରବାର ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ ନିଷିଦ୍ଧାଞ୍ଚଳରେ ପଇଁତରା ଦେଉଥିବା ସମୟରେ ବାବୁବାଲି ନିକଟରୁ ନାଗେଶ୍ୱରୀ-୭ ନାମକ ଟ୍ରଲରକୁ ଜବତ ସହ ୮ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ବେଆଇନ ଭାବେ ମାଛ ଧରୁଥିବା ଲାଲୁ ଗୋଲା, ଦୁଲାଲ ବାରିକ, ବାପିଚରଣ ଭୌମିକ, ଶୁକଦେବ ଜେନା, ସତ୍ୟରଞ୍ଜନ ପ୍ରଧାନ, ସୁକୁଲ ମାରାଣ୍ଡି, ରମା ପାତ୍ର, ଜଳଧର ମଣ୍ଡଳଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୧ଟି ଜିପିଏସ, ୨ଟି ଭିଏଚଏଫ, ୮ଟି ଜାଲ, ସାଢେ ୪ କୁଇଣ୍ଟାଲ ମାଛ ଜବତ କରାଯାଇଛି।

### ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ଚଣ୍ଡିଖୋଲ,୮।୧(ଡି.ଏନ.ଏ.)

ବଡ଼ଚଣା ଥାନା ଧାନମଣ୍ଡଳଠାରେ ଡିସେମ୍ବର ୨୧ରେ ଜଣେ ମହିଳାଙ୍କୁ ବଳାତ୍କାର ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁକିନ୍ଦା ଥାନା ବୈରୀମାଳ ଗାଁର ଆଲୋକ କୁମାର ରାଉତ। ଆଲୋକ ସମ୍ପୃକ୍ତ ମହିଳାଙ୍କୁ ବଳାତ୍କାର କରିବା ପରେ ଆକ୍ରମଣ କରିଥିଲେ। ସେ ଅଚେତ ହୋଇ ଧାନମଣ୍ଡଳ ସଞ୍ଜୟ ନଗରସ୍ଥିତ ବିଜୁଳେଇ ଠାକୁରାଣୀ ମନ୍ଦିର ନିକଟରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗୁରୁବାର ପୋଲିସ ତାଙ୍କୁ ସୁକିନ୍ଦା ଥାନା ବଙ୍ଗଳା ଛକ ନିକଟରୁ ଗିରଫ କରିଥିଲା। ଏ ନେଇ ମାମଲା (ନଂ.୩୮୭/୨୦) ରୁଜୁ ହୋଇଥିଲା।

# କରୋନା ଟିକା ପାଇଁ ଡ୍ରାଏ ରନ୍

ପଟ୍ଟାମୁଣ୍ଡାଇ ୮।୧(ସ୍ୱ.ପ୍ର.)

**ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ**

ବିଶ୍ୱକୁ କରୋନା କବଳିତ କରିଥିବା ବେଳେ ଏଥିରୁ ମୁକ୍ତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ନାଗରିକଙ୍କୁ କରୋନା ଟିକା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଟିକାକରଣ ପୂର୍ବରୁ ରାଜ୍ୟର ଜିଲା ଓ ସବ୍‌ଡିଭିଜନ ସ୍ତରୀୟ ହସ୍ପିଟାଲରେ ଡ୍ରାଏ ରନ କରାଯାଇଛି। ଏହିକ୍ରମରେ ଶୁକ୍ରବାର ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ହସ୍ପିଟାଲରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନିତା ପଟ୍ଟନାୟକ, ଅତିରିକ୍ତ ଚିକିତ୍ସା ଅଧିକାରୀ ଡା.ସଚିଦା ନନ୍ଦ ମିଶ୍ର, ଡା. ନୃପେନ ଶତପଥୀ, ଡା. ପ୍ରକାଶ ଚନ୍ଦ୍ର ବାନାର୍ଜୀ, ଡା.କୃଷ୍ଣଚନ୍ଦ୍ର ଲୁହା, ଡିଡିଏମ ଅଶୋକ କୁମାର ସାହୁ ପ୍ରମୁଖଙ୍କ ଉପସ୍ଥିତରେ ଡ୍ରାଏ ରନ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ହସ୍ପିଟାଲ ଚିକିତ୍ସା ଅଧିକାରୀ ଡ. ନିରାକାର ପରିଡା, ଏଚଇଓ ଶ୍ରୀଧର ମଲ୍ଲିକ, ପ୍ରଶାନ୍ତ ଲେଙ୍କା, ସଞ୍ଜୟ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ଉପସ୍ଥିତରେ ୨୫ ସ୍ୱାସ୍ଥ୍ୟକର୍ମୀ ଓ ଚିକିତ୍ସକଙ୍କୁ ଡ୍ରାଏ ରନ କରାଯାଇଥିଲା। ଟିକା ଆସିଲେ ଲୋକମାନଙ୍କୁ ଟିକା ପ୍ରଦାନ ପାଇଁ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଟିକାକରଣ କେନ୍ଦ୍ର ପ୍ରସ୍ତୁତ କରାଯାଇଛି ବୋଲି ଡା. ପରିଡା କହିଛନ୍ତି।

# ଗ୍ରାମବାସୀ-ପ୍ରଶାସନ ମଧ୍ୟରେ ଆଲୋଚନା ସକାରାତ୍ମକ



ପାଇପଲାଇନକୁ ନେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ଗ୍ରାମବାସୀ ଓ ପ୍ରଶାସନ।

କୁଜଙ୍ଗ,୮।୧ (ଡି.ଏନ୍.ଏ.)

**ପାଇପ ଲାଇନ ବିବାଦ**

ଏରସମା ବ୍ଲକ ଢିଙ୍କିଆ ଗ୍ରାମ ଦେଇ ପାରାଦୀପ-ହାଇଦ୍ରାବାଦ ପାଇପ ଲାଇନ ବିଛା ଚାଲୁଛି। ମାତ୍ର ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହି କାର୍ଯ୍ୟ ବନ୍ଦ ରହିଥିଲା। ଏ ସମ୍ପର୍କରେ ଶୁକ୍ରବାର କପ୍ତେଶ୍ୱର ବିଦ୍ୟାପୀଠରେ ପାଇପ୍‌ଲାଇନ୍ ଅଧିକାରୀ, ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋସ୍କୋ ସମୟରେ ଆନ୍ଦୋଳନକାରୀଙ୍କ ନାମରେ ହୋଇଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଦାବି ହୋଇଥିଲା। ଗୋଚର ଜମିରେ ପାଇପଲାଇନ ବିଛା କାର୍ଯ୍ୟ ଆଇନ ସମ୍ମତ ନୁହେଁ ବୋଲି ଗ୍ରାମବାସୀ କହିଥିଲେ। ତେବେ ଆଲୋଚନା ସକରାତ୍ମକ ରହିଛି। ପ୍ରଶାସନ ପକ୍ଷରୁ ଆଉ ଥରେ ଆଲୋଚନା ପାଇଁ ସମ୍ମତି ପ୍ରକାଶ ପାଇଛି। ଏଥିରେ ପାରାଦୀପ ଅତିରିକ୍ତ ଏସ୍‌ପି ନିମାଇଁ ସେଠୀ, ଆଇଆଇସି ଯୁଗଳ କିଶୋର ଦାସ, ପାଇପ ଲାଇନ୍ କନ୍‌ଷ୍ଟ୍ରକ୍ସନ ମ୍ୟାନେଜର ସୁବ୍ରତ ବେହେରା, ସାଇଟ ଇନ୍‌ଚାର୍ଜ ସଜ୍ଜନ ଅହମ୍ମଦ, ଗ୍ରାମବାସୀ ପକ୍ଷରୁ ଶ୍ରମିକ ନେତା ନିର୍ଭର ସାମନ୍ତରାୟ, ଦେବେନ୍ଦ୍ର ସ୍ୱାଇଁ, ଚନ୍ଦନ ମହାନ୍ତି, ଶାନ୍ତି ଦାସ ଓ ସଞ୍ଜୁଲତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ପାର୍କିଂକୁ ନେଇ ରାମନଗର ବଜାରରେ ବିବାଦ ତେଜିଲା

ମହାକାଳପଡ଼ା, ୮।୧ (ଡି.ଏନ୍.ଏ.)

ରାମନଗର ବଜାରରେ ପାର୍କିଂ ଜାଗାକୁ ନେଇ ବିବାଦ ତେଜିବାରେ ଲାଗିଛି। ରାମନଗର ବଣିକ ସଂଘର ସଭାପତିଙ୍କ ଉପରେ ଆକ୍ରମଣ ନେଇ ଶୁକ୍ରବାର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୩୧ ରାତିରେ ବଜାରରେ ପାର୍କି ଜାଗାକୁ ନେଇ ବଣିକ ସଂଘର ସଭାପତି ମିଲନ କୁମାର ଦେବନାଥଙ୍କ ଉପରେ ବଣିକ ସଂଘର କେତେଜଣ ସଦସ୍ୟ ଶମ୍ଭୁ ମାଇତି ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନଙ୍କ କବଳରୁ କୌଣସି ପ୍ରକାରେ ବଣିକ ସଂଘର ସଭାପତି ଦେବନାଥ ମୁକୁଳି ଯିବା ପରେ ୫ ତାରିଖରେ ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସର କୌଣସି ପଦକ୍ଷେପ ନେଇ ଥିବାରୁ ବଣିକ ସଂଘ ବିକ୍ଷୋଦ୍‌ଗାର କରିଛି। ସମ୍ମିଳନୀରେ ସଂଘର ସଭାପତି ଦେବନାଥ, ଉପସଭାପତି ତରୁଣକାନ୍ତ କାଞ୍ଜିଲାଲ, ସମ୍ପାଦକ ନିକୁଞ୍ଜ ସିକଦାର, ସହ-ସମ୍ପାଦକ ସପନ କୁମାର ଦେବନାଥଙ୍କ ସମେତ ବଣିକ ସଂଘର ବହୁ ସଦସ୍ୟ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି। ସଂଘର ଅଭିଯୋଗ ଉପରେ ପୋଲିସ ଯଦି ଉପଯୁକ୍ତ ପଦକ୍ଷେପ ନ ନିଏ ରାମନଗର ବଜାରକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବନ୍ଦ ରଖାଯିବ। ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବଣିକ ସଂଘ ଧମକ ଦେଇଛି। ବଣିକ ସଂଘର ଏକ ପ୍ରତିନିଧି ଦଳ ଶନିବାର କେନ୍ଦ୍ରାପଡା ଏସ୍‌ପିଙ୍କୁ ଭେଟିବାକୁ ନିଷ୍ପତ୍ତି ନେଇଛି। ସମ୍ମିଳନୀରେ ସଭାପତି ଉଲ୍ଲେଖ କରିଥିଲେ, ବଜାର କମିଟିର ହିତ ତଥା ସାଧାରଣ ଲୋକଙ୍କ ସୁବିଧା ଓ ମହିଳା, ଭିନ୍ନକ୍ଷମ, ବୟସ୍କ ଲୋକମାନଙ୍କ ପାଇଁ ବଜାର ସନ୍ନିକଟ ବାହାରେ ଶୌଚାଳୟ ନିର୍ମାଣ କରାଯାଉ। ଭିଡ଼କୁ ଏଡେଇବାକୁ ଏକ ଗାଡ଼ି ପାର୍କି ପାଇଁ ବଜାର କମିଟି ପକ୍ଷରୁ ମାଟି ଉଠାଇ ଏକ ଜାଗାରେ ପକା ଯାଇଥିଲା। ଏହାକୁ ମାଇତି ବିରୋଧ କରିବା ସହ ଆକ୍ରୋଶ ରଖି ସଭାପତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆଇଆଇସି ମହେଶ୍ୱର ସେଠୀ କୁହନ୍ତି ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇଛି। ତଦନ୍ତ ଚାଲିଛି, ଗୋଟିଏ ପକ୍ଷ ପକ୍ଷରୁ ମଧ ତହସିଲଦାରଙ୍କୁ ଜଣାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଶାନ୍ତି କମିଟି ଗଠନ କରାଯିବ। ଶନିବାର ସରଜମିନ ତଦନ୍ତ କରାଯିବାର ରହିଛି।

# କାମ ନ ହୋଇ ପଇଠ ହୋଇଛି ଅର୍ଥ

ବରୀ,୮।୧(ଡି.ଏନ.ଏ.)

**ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

ବରୀ ବ୍ଲକ ବୋଦୁଅ ପଞ୍ଚାୟତରେ ବୁଲବୁଲ ବାତ୍ୟାରେ ବ୍ୟାପକ କ୍ଷତି ଯୋଗୁ ରାସ୍ତା ନିର୍ମାଣ ନିମନ୍ତେ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କୁମ୍ଭକା ବେହେରା ସାହିଠାରୁ ବାବା ବୈକୁଣ୍ଠ ନାଥ ବିଦ୍ୟାପୀଠ ପର୍ଯ୍ୟନ୍ତ ରାସ୍ତା ହେବାକୁ ଥିଲା। ମାତ୍ର ଉକ୍ତ କାର୍ଯ୍ୟ କରା ନ ଯାଇ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ମାପ କରିବା ପରେ ସହକାରୀ ଯନ୍ତ୍ରୀ ପରିମାପ କରି ଠିକାଦାରଙ୍କୁ ଜଣେ ଭେଣ୍ଡରଙ୍କ ମାଧ୍ୟମରେ ଅର୍ଥ ପଇଠ କରିଛନ୍ତି। ଏହା ଜଣାପଡ଼ିବା ପରେ ଶୁକ୍ରବାର ଗ୍ରାମବାସୀ ବରୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ବିଡିଓ ସେହି ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ, ସହକାରୀ ଯନ୍ତ୍ରୀ ନେହେରୁ ବେହେରା ଓ ଗ୍ରାମ ରୋଜଗାର ସେବକ ଦେବପ୍ରସାଦ ଧଳଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

କନିଷ୍ଠ ଯନ୍ତ୍ରୀଙ୍କ ସହ ବିଡିଓଙ୍କ ଘନିଷ୍ଠ ସମ୍ପର୍କ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କ୍ଷେତ୍ରରେ ସେ ପଛଘୁଞ୍ଚା ଦେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ୭ ଦିନ ମଧ୍ୟରେ ଏହାର ତଦନ୍ତ କରାଯାଇ ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଗ୍ରାମବାସୀ ବିଡିଓଙ୍କୁ ଅବଗତ କରିଛନ୍ତି। ଏସମ୍ପର୍କରେ ବିଡିଓ ଶିବାନନ୍ଦ ସ୍ୱାଇଁ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଘଟଣାସ୍ଥଳକ ପରିଦର୍ଶନ କରିଛି। ଘଟଣାର ତଦନ୍ତ କରାଯିବ। ଯଦି ସେଭଳି ବେଆଇନ କାର୍ଯ୍ୟ ହୋଇଥାଏ ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୧୫ ଭୂମିହୀନ ଜନଜାତିଙ୍କୁ ମିଳୁନି ଘରଡ଼ିହ

ବଡଚଣା,୮।୧(ଡି.ଏନ.ଏ.)

ଭୂମିହୀନ ଲୋକଙ୍କୁ ବସୁନ୍ଧରା ଯୋଜନାରେ ୧୦ ଡିସିମିଲ ଘରଡିହ ଯୋଗାଇ ଦେବା ସହ ବିଭିନ୍ନ ଆବାସ ଯୋଜନାରେ ଘର ନିର୍ମାଣ ସହାୟତା ଯୋଗାଇ ଦିଆଯାଉଛି। ବନବାସୀ ଓ ଆଦିବାସୀ ନିଜ ଭିଟାମାଟିର ଅଧିକାର ପାଇବା ସହ ବିଭିନ୍ନ ଆବାସ ଯୋଜନାରେ ସାମିଲ ହୋଇ ପାରିବେ ବୋଲି ଏହି ଯୋଜନାରେ ସରକାର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଯାଜପୁର ଜିଲା ବଡ଼ଚଣା ବ୍ଲକ ସୋଲର ପଞ୍ଚାୟତର କୁମ୍ଭେଇ ଗ୍ରାମରେ ବସବାସ କରୁଥିବା ଜନଜାତି (କେଳା)ସମ୍ପ୍ରଦାୟର ୧୫ରୁ ଊର୍ଦ୍ଧ୍ୱ ପରିବାର ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେମାନେ ଭଙ୍ଗା ଦଦରା କଟାକୁଡିଆ ଘରେ ପିଲାଛୁଆ ଧରି ଦୀର୍ଘ ୧୫ ବର୍ଷ ହେଲା ଏଠାରେ ବସବାସ କରି ଆସୁଛନ୍ତି।

ଦୀର୍ଘ ୫ବର୍ଷ ହେଲା କୁମ୍ଭେଇ

**ବସୁନ୍ଧରା ଯୋଜନା ବାଟବଣା**



ବଡ଼ଚଣା ବ୍ଲକ କୁମ୍ଭେଇ ଗ୍ରାମରେ ବସବାସ କରୁଥିବା ଜନଜାତି ପରିବାର।

ଗ୍ରାମବାସୀ ଭୋଟ ଦାନ କରୁଛନ୍ତି। ବହୁତ ଦାବି ପରେ ପାନୀୟ ଜଳ ପାଇଁ ଗୋଟିଏ ନଳକୂପ ଖୋଳାଯାଇଛି। ସେମାନଙ୍କ ଘରଡିହ ପଟ୍ଟା ନ ଥିବାରୁ କୁନିକୁନି ପିଲା ମୌଳିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ନିର୍ବାଚନ ଆସିଲେ ବିଭିନ୍ନ ଦଳର ନେତା ଆସି ସେହି ଲୋକଙ୍କୁ ପ୍ରଲୋଭିତ କରି ବାସଗୃହ, ରାସ୍ତାଘାଟ ଏବଂ ସମସ୍ତ ସୁବିଧା ସୁଯୋଗ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥାନ୍ତି। ଭୋଟ ସରିଗଲେ ସେମାନଙ୍କ ପ୍ରତିଶ୍ରୁତି ଭୁଲି ଯାଆନ୍ତି। ଆଗାମୀ ୫ବର୍ଷ ମଧ୍ୟରେ ସେମାନଙ୍କ ଦେଖା ମିଳେନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ପୂର୍ବତନ ସମିତିସଭ୍ୟ ମାଧବାନନ୍ଦ ମହାପାତ୍ର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବାକୁ ଜଣାଇଥିଲେ ମଧ ଏପର୍ଯ୍ୟନ୍ତ ମିଳିନାହିଁ। ଏଥିଯୋଗୁ ସେମାନଙ୍କୁ ଇନ୍ଦିରା ଆବାସ, ବିଜୁ ପକ୍କା ଘର ଆଦି ଆବାସ ଯୋଜନାରେ ସାମିଲ କରାଯାଇ ପାରୁନାହିଁ। ସୋଲର ସରପଞ୍ଚ ନୀଳମଣି ରାଉତ ପଞ୍ଚାୟତରେ ୭୦ ଭୂମିହୀନମାନଙ୍କୁ ଘରଡିହ ପଟ୍ଟାଯୋଗାଇ ଦେବା ପାଇଁ ପଞ୍ଚାୟତରେ ଏକ ରେଜୁଲେସନ କରି ଜିଲାପାଳ ଏବଂ ଦର୍ପଣ ତହସିଲଦାରଙ୍କୁ ପଠାଇଛନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଦର୍ପଣ ତହସିଲଦାର ବରେଣ୍ୟେନ୍ଦୁ ମହାନ୍ତିଙ୍କୁ ପଚାରିବାରୁ ସେ କୁହନ୍ତି, ଏ ଘଟଣା ତାଙ୍କ ନଜରରେ ଅଛି। କୋଭିଡ କଟକଣା ପାଇଁ ବିଳମ୍ବ ହୋଇଛି ଏବଂ ସେମାନଙ୍କୁ ଜମି ପଟ୍ଟା ମିଳିଯିବ ବୋଲି କହିଛନ୍ତି।

